# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 September – 2026

********************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ, 'ମନ୍ କି ବାତ୍'ରେ କହିଲେ ପ୍ରଧାନମନ୍ତ୍ରୀ

  – ଗାନ୍ଧୀ ଜୟନ୍ତୀ ପୂର୍ବରୁ ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଦେଲେ ଆହ୍ୱାନ

- ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

- ପର୍ଯ୍ୟଟନ ବିକାଶରେ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପର୍ଯ୍ୟଟନ ଦିବସ

ଏବଂ

- ଦକ୍ଷିଣ-ପୂର୍ବ ମିଆଁମାର ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି

– ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୮ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ମନ୍ କି ବାତ୍

ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ସ୍ୱଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୩୮ତମ ସଂସ୍କରଣରେ ଆଜି ପ୍ରଧାନମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣମୂଳକ ଓ ପ୍ରେରଣାଦାୟୀ ପ୍ରୟାସ ସମ୍ପର୍କରେ ଦେଶବାସୀଙ୍କ ସହ ଭାବବିନିମୟ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି, ଯାହାର ଫଳାଫଳ ଦେଖିବାକୁ ମଧ୍ୟ ମିଳିଛି। ୨୦୧୬ ମସିହା ସେପ୍‌ଟେମ୍ବର ମାସ ୨୮ ଓ ୨୯ ତାରିଖରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଦଶବର୍ଷ ପୂରଣ ହେବାକୁ ଯାଉଛି। ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ଠାରୁ ଅପରେସନ୍ ସିନ୍ଦୂର ପର୍ଯ୍ୟନ୍ତ ଭାରତ ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଆସିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O - MKB Surgical**

ଜନଗଣନା ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି, ଏହା ଦେଶର ପ୍ରଗତି ଓ ଉନ୍ନତ ଭବିଷ୍ୟତର ଯୋଜନା ପାଇଁ ଅତ୍ୟନ୍ତ ଜରୁରୀ । ଏଥିରେ ପ୍ରତ୍ୟେକ ନାଗରିକଙ୍କ ଅଂଶଗ୍ରହଣ ଜନକଲ୍ୟାଣ ପାଇଁ ଯୋଜନାଗୁଡ଼ିକୁ ମାର୍ଗଦର୍ଶନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ପ୍ରାୟ ଶେଷ ହୋଇଛି ଏବଂ ୩୨ କୋଟିରୁ ଅଧିକ ପରିବାରର ତଥ୍ୟ ରେକର୍ଡ ହୋଇସାରିଛି । ମୋବାଇଲ୍ ମାଧ୍ୟମରେ ନିଜେ ଜନଗଣନା ତଥ୍ୟ ପଞ୍ଜୀକରଣ କରିବା ସୁବିଧାର ଲାଭ ନେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ବିଶିଷ୍ଟ ସମାଜସେବୀ ଅଶୋକ ସିଂଘଲଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଗୁଜରାଟର ଐତିହାସିକ ସୋମନାଥ ଓ ମୋଧେରା ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି । ମୋଧେରା ଆଜି ଦେଶର ପ୍ରଥମ 'ସୂର୍ଯ୍ୟ ଗ୍ରାମ' ଭାବେ ସୌର ଶକ୍ତି ବ୍ୟବହାରରେ ଉଦାହରଣ ସୃଷ୍ଟି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପୂର୍ବରୁ ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ ଯୁବବର୍ଗଙ୍କ ଦ୍ୱାରା ନଦୀ, ପୁରାତନ କୂପ ଓ ସମୁଦ୍ରତଟ ସଫେଇ ଭଳି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## - V/O - MKB Swachhata Se Seva

'ମନ୍ କି ବାତ୍'ରେ ଶ୍ରୀ ମୋଦୀ ପରିବେଶ ସୁରକ୍ଷା ପ୍ରସଙ୍ଗରେ ଆସାମର ସୋନାଇ-ରୁପାଇ ବନ୍ୟପ୍ରାଣୀ ଅଭୟାରଣ୍ୟରେ ହାତୀମାନଙ୍କ ପୁନରାଗମନ ଏବଂ ପିଗ୍ମି ହଗ୍ ସଂରକ୍ଷଣର ଉଦାହରଣ ଦେଇଛନ୍ତି। ସୁନ୍ଦରବନର ମହିଳାମାନେ ହେନ୍ତାଳବନ ସୃଷ୍ଟି କରି ପରିବେଶ ସୁରକ୍ଷା ସହ ଜୀବିକାର ମାଧ୍ୟମ ସୃଷ୍ଟି କରୁଥିବା କଥା ପ୍ରଧାନମନ୍ତ୍ରୀ କହିଛନ୍ତି।

ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ଚାଲିଥିବା 'ନିଶାମୁକ୍ତ ଯୁବ ଅଭିଯାନ'ରେ ଅଧିକରୁ ଅଧିକ ଯୁବକଯୁବତୀଙ୍କୁ ସାମିଲ ହେବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

## - V/O - MKB Nasamukt

ଗ୍ରାମାଞ୍ଚଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ପୋଷଣ ମାସ ଅବସରରେ ବିଭିନ୍ନ ରାଜ୍ୟରେ ଚାଲିଥିବା ପୋଷଣ ସଚେତନତା କାର୍ଯ୍ୟକ୍ରମର ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। 'ମନ୍ କି ବାତ୍'ରେ ଶ୍ରୀ ମୋଦୀ ଗଣେଶ ଉତ୍ସବ ପ୍ରସଙ୍ଗରେ ଥାଇଲାଣ୍ଡରେ ଭଗବାନ ଗଣେଶଙ୍କ ଉପାସନା ଓ ଭାରତୀୟ ସଂସ୍କୃତିର ବୃଦ୍ଧି ପାଉଥିବା ପ୍ରଭାବ ସମ୍ପର୍କରେ କହିଛନ୍ତି।

ଚଳିତ ବର୍ଷ ଆରମ୍ଭରେ ସୋମନାଥ ସ୍ୱାଭିମାନ ପର୍ବ ଆୟୋଜିତ ହୋଇଥିଲା। ଭାରତର ପରିଚୟ ଧ୍ୱଂସ ପାଇଁ ଉଦ୍ୟମ କରୁଥିବା ଲୋକ ଆଜି ନାହାନ୍ତି କିନ୍ତୁ ସମୁଦ୍ରକୂଳରେ ଭବ୍ୟ ଭାବରେ ଦଣ୍ଡାୟମାନ ହୋଇଥିବା ସୋମନାଥ ମନ୍ଦିର ଆଜି ମଧ୍ୟ ଦେଶର ଗୌରବ ଓ ସ୍ୱାଭିମାନର ପ୍ରତୀକ ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀ-ବନ୍ୟା ସ୍ଥିତି ଅନୁଧ୍ୟାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ  ରାଜ୍ୟର ବନ୍ୟା ପ୍ରଭାବିତ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ କୋରାପୁଟର କୋଟପାଡ ଅଞ୍ଚଳ ଗସ୍ତରେ ଯାଇ ବନ୍ୟା ପ୍ରଭାବିତ ଅଞ୍ଚଳର ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଏହି ଗସ୍ତରେ ଯିବେ।

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନର ବିକାଶରେ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପ** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି।  ଦେଶର

ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ  ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇ କହିଛନ୍ତି ଓଡ଼ିଶାର କାଳଜୟୀ ଐତିହ୍ୟ, ପରମ୍ପରା, ବିବିଧ ପ୍ରାକୃତିକ ଦୃଶ୍ୟପଟ୍ଟ ଓ ଜୀବନ୍ତ ସଂସ୍କୃତି ପର୍ଯ୍ୟଟକମାନଙ୍କୁ ଅସଂଖ୍ୟ ଅନୁଭୂତିର ସୁଯୋଗ ପ୍ରଦାନ କରିଥାଏ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ଜୀବନ୍ତ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି । ମହାପ୍ରଭୁଙ୍କ କାଳଜୟୀ ପରମ୍ପରା ଓ ଓଡ଼ିଶୀ ନୃତ୍ୟର ମନୋମୁଗ୍ଧକର ଭଙ୍ଗୀଠାରୁ ଆରମ୍ଭକରି ପଟ୍ଟଚିତ୍ର, ଢେମ୍‌ସା ନୃତ୍ୟ ଓ ପର୍ବପର୍ବାଣୀ ଏକ ସମୃଦ୍ଧ ଐତିହ୍ୟର ସ୍ୱାକ୍ଷର ବହନ କରେ ।

ଏହି ଅବସରରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସନ୍ଧ୍ୟାରେ ଖଣ୍ଡଗିରି ଓ ଉଦୟଗିରି ଆଲୋକ ଓ ଶବ୍ଦ ପ୍ରଦର୍ଶନୀର ମଧ୍ୟ ଲୋକାର୍ପଣ ହେବ ।

ଆନ୍ତର୍ଜାତିକ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ନୟାଗଡ଼ ପ୍ରମୋ-ଦୌଡ଼

ଆୟୋଜିତ ହୋଇଛି। ନୟାଗଡ଼ ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରୁ ଏହି ଦୌଡ଼ ଆରମ୍ଭ ହୋଇ ନୟାଗଡ଼ ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ଜିଲ୍ଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାର, ପ୍ରସାର ଓ ଯୁବପିଢ଼ିଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରତି ଆଗ୍ରହ ବୃଦ୍ଧି ତଥା କ୍ରୀଡ଼ା ଓ ନିୟମିତ ଶାରୀରିକ ବ୍ୟାୟାମ ପ୍ରତି ସଚେତନତା ସୃଷ୍ଟି ଏହି ଦୌଡ଼ର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ୨୫୦ରୁ ଅଧିକ ଛାତ୍ରଛାତ୍ରୀ, କ୍ରୀଡ଼ାପ୍ରେମୀ ଓ ସାଧାରଣ ଜନତା ଦୌଡ଼ରେ ଅଂଶଗ୍ରହଣ କରିଥିଲେ।

ରାୟଗଡ଼ ଜିଲ୍ଲାରେ ମଧ୍ୟ ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ୍ ଅନ୍ତର୍ଗତ ପ୍ରମୋ-ଦୌଡ଼ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅମ୍ବାଗୁଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ଦୌଡ଼ରେ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଓ ଯୁବବର୍ଗ ଅଂଶଗ୍ରହଣ କରିଥିଲେ।

ପୁରୀ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ପର୍ଯ୍ୟଟନ ଦିବସ ଅବସରରେ ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରି ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ନୂଆପଡ଼ା ଜିଲ୍ଲାପ୍ରଶାସନ ଏବଂ ଜିଲ୍ଲାପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ଓ

ସଂରକ୍ଷଣ ପାଇଁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି।

ଖୋର୍ଦ୍ଧା ଜିଲ୍ଲା ବିଜେବି ଉଚ୍ଚବିଦ୍ୟାଳୟ ପରିସରରେ ପର୍ଯ୍ୟଟନ ଦିବସ ପାଳନ ଅବସରରେ ପ୍ରମୋ-ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆହ୍ୱାନ ଦେବାସହ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଦୀକ୍ଷାନ୍ତ ସମାରୋହ

ପୋଲିସ କର୍ମଚାରୀମାନେ ନିଷ୍ଠା, ଶୃଙ୍ଖଳା ଓ ଦାୟିତ୍ୱବୋଧ ସହ କର୍ତ୍ତବ୍ୟ ସମ୍ପାଦନ କରି ଜନସାଧାରଣଙ୍କ ସେବା କରିବାକୁ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଆହ୍ୱାନ ଦେଇଛନ୍ତି। ଆଜି ଝାରସୁଗୁଡ଼ା ସଶସ୍ତ୍ର ପୋଲିସ୍ ପ୍ରଶିକ୍ଷଣ କେନ୍ଦ୍ରରେ ୨୬ତମ କନେଷ୍ଟବଲ ଓ ସିପାହୀ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମିଶ୍ର କହିଛନ୍ତି କନେଷ୍ଟବଲମାନେ ହେଉଛନ୍ତି ପୋଲିସ୍ ବାହିନୀର ମେରୁଦଣ୍ଡ ସଦୃଶ। ପ୍ରଶିକ୍ଷଣ ଉପଲବ୍ଧ ଜ୍ଞାନ ଏବଂ କୌଶଳକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବାକୁ ସେ ପୋଲିସ୍ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି

ଦୀକ୍ଷାନ୍ତ ସମାରୋହରେ ୧ ହଜାର ୯ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି।

# ପିତୃପକ୍ଷ ପାଳନ

ଆଶ୍ୱିନ କୃଷ୍ଣ ପ୍ରତିପଦା ଅବସରରେ ଆଜିଠାରୁ ଆସନ୍ତା ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ବା ଅପରପକ୍ଷ ଭାବେ ପାଳନ କରାଯାଉଛି। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏହି ୧୫ ଦିନ ପର୍ଯ୍ୟନ୍ତ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଇଥାଏ। ଶ୍ରୀକ୍ଷେତ୍ର ପୁରୀର ତୀର୍ଥ ପୁଷ୍କରିଣୀରେ ପିତୃପକ୍ଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧତର୍ପଣ ଓ ପିଣ୍ଡଦାନ ଲାଗି ଭିଡ଼ ପରିଲକ୍ଷିତ ହୋଇଛି।

# ପାଣିପାଗ

କେନ୍ଦ୍ରୀୟ ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପୂର୍ବ ମିଆଁମାର ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଣ୍ଡାମାନ ଓ ମିଆଁମାର ସଂଲଗ୍ନ ଇରାୱାଡ଼ି ଅଞ୍ଚଳକୁ ପ୍ରବେଶର ସମ୍ଭାବନା ରହିଛି। ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଆଡ଼କୁ ଏହା ଅଗ୍ରସର କରିବ।

ଉତ୍ତରପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ଛତିଶଗଡ ଉପରେ ଅବପାତ ଦୁର୍ବଳ ହେବାପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୮ଟି

ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ବିପଦସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ରାଜ୍ୟରେ ବନ୍ୟା ସ୍ଥିତି ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ମହାନଦୀ ଓ ଏହାର ଶାଖାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ । ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, କାଠଯୋଡ଼ି, କୁଆଖାଇରେ ମଧ୍ୟ ବନ୍ୟା ଆସିବ । ଦେବୀ, କନ୍ଦଳ, କୁଶଭଦ୍ରା, ଦୟା, ଭାର୍ଗବୀ, ରାଜୁଆ, ମକରାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାଦ୍ୱାରା କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲା ପ୍ରଭାବିତ ହେବ ବୋଲି ଶ୍ରୀ ରାଉତ କହିଛନ୍ତି ......

**- V/O -**

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଦଶମିକ ୨୫ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୯ ହଜାର ୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨୬ଟି ଗେଟ୍ ଦେଇ ୩ ଲକ୍ଷ ୯୧ ହଜାର ୩୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି ।

ଭଦ୍ରକ ଜିଲ୍ଲାର ଶାଳନ୍ଦୀ ନଦୀର ରାଜଘାଟ ଓ ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଜିଲ୍ଲାର ୫ଟି ବ୍ଲକ ୧୮୦ଟି ଗ୍ରାମର ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୭ ହଜାର ୩୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବନ୍ୟାଞ୍ଚଳ ଗସ୍ତକରି ସ୍ଥିତିର ଅନୁଧ୍ୟାନ କରିଛନ୍ତି।